# NALCO GYANALOK
# ODIA ESSAY

## “ଓଡିଶାର ସଂସ୍କୃତି ଓ ଇତିହାସ”

Word Count : 1864
Date of Submission : 16.08.2017

Detail :
Sarthak Pradhan
B.Sc. Geology
Ravenshaw University
Cuttack
Mob : 7978089046
E-mail: sarthakpradhan1996@gmail.com

Scanned by CamScanner

# ଓଡିଶାର ସଂସ୍କୃତି ଓ ଇତିହାସ

ଋଦ୍ଧ ହାସ୍ୟମୟୀ, ଚିର-ଶୋଭାମୟୀ, କୀର୍ତ୍ତି-କୀରିଟିନୀ, କାନନ- କୁନ୍ତଳା ଉତ୍କଳ ଭୂମି ଭାରତବର୍ଷର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି ରାଜ୍ୟର ନେତା ସ୍ୱୟଂ ନାରାୟଣ । ସଭ୍ୟତା ଏହାର କୃଷିଭିତ୍ତିକ, ସଂସ୍କୃତି ଏହାର ଧର୍ମ ଓ ନୀତି କୈନ୍ଦ୍ରିକ । ଓଡିଆଙ୍କ ପ୍ରାଣର ଦେବତା ଶ୍ରୀ ଜଗନ୍ନାଥ । ଶ୍ରୀ ଜଗନ୍ନାଥ ମାହାତ୍ମ୍ୟ, କୃଷି ଭିତ୍ତିକ ଚଳଣି, ଧର୍ମୀୟ ଉଦାର ଭାବନାକୁ ନେଇ ଏହାର ସଂସ୍କୃତି ସମୃଦ୍ଧ ହୋଇଛି । ଏଇ ଉତ୍କଳର ବୀର ରାଜନ୍ୟବୃନ୍ଦଙ୍କ  ତରବାରୀର ରଣ ହୁଙ୍କାର ଦିନେ ଶତ୍ରୁ ହୃଦୟରେ ତୋଳୁଥିଲା  ଭୟର ଶଙ୍କା । ପୁଣି ଏଇ ଉତ୍କଳ ବହୁ ଶତ୍ରୁଙ୍କୁ ଆପଣାର ଉଦାରତା ବଳରେ ପ୍ରଦାନ କରିଛି ଆଶ୍ୱାସନାର ଆଶ୍ରୟ । ଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବସିତ ଏହି  ଉତ୍କଳରେ ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୌଦ୍ଧ, ଖ୍ରୀଷ୍ଟ, ବୈଷ୍ଣବ ଆଦି ସବୁ ଧର୍ମ ସଂପ୍ରଦାୟର ଧର୍ମାଧିକାଧାରୀ ପାଇଛନ୍ତି ସମ- ଅଧିକାର । ଉତ୍କଳୀୟ ବର୍ତ୍ତମାନରେ ବଞ୍ଚି ରହେ, ଅତୀତକୁ ରୋମନ୍ଥନ କରେ ଏବଂ ଭବିଷ୍ୟତର ସ୍ୱପ୍ନ ରେ ବିଭୋର ହୁଏ ।  ସମୟର ଗତିଶୀଳତା ସହ ତାଳଦେଇ ୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖ ଦିନ ଏହା ସତନ୍ତ୍ର ଉତ୍କଳ ପ୍ରଦେଶ ରୂପେ ଆତ୍ମ ପ୍ରକାଶ କଲା । ଭାଷା ଭିତ୍ତିରେ ଗଠିତ ହେବାରେ ଓଡିଶା ଥିଲା ଦେଶର ପ୍ରଥମ ରାଜ୍ୟ । ସୁନେଲି ଫସଲ ଢେଉ ଖେଳୁଥିବା କ୍ଷେତରୁ ନୀଳାଭ ମହୋଦଧି ଯାଏଁ, ମାଣବସା ଝୋଟି ଠାରୁ ପାଇକ ପୁଅର ବୀରତ୍ୱ - ସବୁକିଛି ଏଠି ଶୁଣାଏ ସଂସ୍କୃତିର ସୁରିଲା ସଙ୍ଗୀତ ଓ ଇତିହାସର ଗୌରବମୟ ଗାଥା ।

ଓଡିଶା ସଂସ୍କୃତି ଯେତିକି ପ୍ରାଚୀନ, ସେତିକି ସମୃଦ୍ଧ । ପୁରୀ ର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହେଉ କିମ୍ୱା ପିପିଲିର ସଦୃଶ୍ୟ ଚାନ୍ଦୁଆ, କଟକର ରୂପା ତାରକସି କାରୁକାର୍ଯ୍ୟ, ରଘୁରାଜପୁରର ପ୍ରସିଦ୍ଧ ପଟ୍ଟଚିତ୍ର, ନୀଳଗିରିର ପଥର ବାସନ, ଆଦିବାସୀ କଳାକୃତି, ସମ୍ବଲପୁରୀ ବସ୍ତ୍ର, ବାନ୍ଧକଳା ଇତ୍ୟାଦି ଏହାର ମହାନ୍ ସଂସ୍କୃତି ଓ କଳା ଚାତୁର୍ଯ୍ୟ ର ଝଲକ ମାତ୍ର । ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କ ସ୍ଥିତ ବିଖ୍ୟାତ ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱର ସ୍ଥିତ ଶ୍ରୀ ଲିଙ୍ଗରାଜ ମନ୍ଦିର ଏହାର ଉତ୍କୃଷ୍ଟ ମନ୍ଦିର ସ୍ଥାପତ୍ୟର ନିଦର୍ଶନ ।

ବାଲୁକା କଳା ଓଡିଶାର ଉତ୍କୃଷ୍ଟ ଐତିହ୍ୟର ଅନ୍ୟତମ ନମୁନା  । ବିସ୍ତୀର୍ଣ୍ଣ ବେଳାଭୂମିର ବାଲୁକା ଶଯ୍ୟାରେ ଭଳିକି ଭଳି ମନୋରମ ବାଲୁକା କଳା ଆଜି ଓଡିଶାର ବାଲୁକା ଶିଳ୍ପୀଗଣ ସମଗ୍ର ବିଶ୍ୱକୁ ଚମତ୍କୃତ କରିଛନ୍ତି । ଇତିହାସ କହେ ବିଶିଷ୍ଟ କବି ତଥା ଦାଣ୍ଡିରାମାୟଣର ରଚୟିତା ଶ୍ରୀ ବଳରାମ ଦାସ  ରଥାରୂଢ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ନ ପାରିବାରୁ ବାଲିରେ ରଥ ନିର୍ମାଣ କରି ସେଠାରେ ମହାପ୍ରଭୁଙ୍କୁ ଆବାହନ କରିଥିଲେ । ବାଲୁକା କଳାର ସେହି ଭାବପୂର୍ଣ୍ଣ ଧାରା ଏଯାବତ୍ ଚାଲି ଆସିଛି । ଓଡିଶାର ଧର୍ମୀୟ ସଂସ୍କୃତି ମଧ୍ୟ ବେଶ୍ ପ୍ରାଚୀନ ଓ ମହତ୍ତ୍ୱପୂର୍ଣ୍ଣ । ସବୁ ଧର୍ମ ଓ ସଂପ୍ରଦାୟ ର ଅଧିବାସୀଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସ୍ଥଳ ହେଉଛି ଏହି ପବିତ୍ର ଭୂମି । ସମ୍ରାଟ ଅଶୋକଙ୍କ କଳିଙ୍ଗ ଆକ୍ରମଣ ପରେ ଓଡିଶାରେ ବୌଦ୍ଧ ଧର୍ମ ସୁଦୂର ପ୍ରସାରୀ ହୋଇଥିଲା । ରାଜ୍ୟସାରା ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବା ବୌଦ୍ଧ ଶିକ୍ଷା ଗ୍ରହଣ  କେନ୍ଦ୍ର, ସ୍ତୁପ ଏବଂ ନାନାବିଧ କଳାକୃତି ତଥା ସ୍ତମ୍ଭ ଗୁଡିକରେ ପାଲି ଭାଷାରେ ଖୋଦିତ ହୋଇଥିବା ବୌଦ୍ଧ ଧର୍ମ ସମ୍ବଳିତ ଉପାଦେୟ ତଥ୍ୟାବଳୀ ଏହାର ଜ୍ୱଳନ୍ତ ପ୍ରମାଣ । ସମ୍ରାଟ ଖାରବେଳଙ୍କ ଶାସନ କାଳରେ ଓଡିଶାରେ ଜୈନ ଧର୍ମର ପ୍ରସାର ଘଟିଲା । ନବମ ଶତାବ୍ଦୀର ମଧ୍ୟ ଭାଗରେ ଓଡିଶାରେ ହିନ୍ଦୁ ଧର୍ମର ପ୍ରସାର ଘଟିଥିବାର ସୂଚନା ମିଳେ । ମୁକ୍ତେଶ୍ୱର, ଲିଙ୍ଗରାଜ, ଜଗନ୍ନାଥ, କୋଣାର୍କ ଆଦି

Scanned by CamScanner

ମନ୍ଦିରର ନିର୍ମାଣ ଏବଂ ହିନ୍ଦୁ ଦେବାଦେବୀଙ୍କ ଉପାସନା ଏହି ପ୍ରମାଣକୁ ଆହୁରି ବଳବତ୍ତର କରେ । ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ଧାମ ଭାବରେ ଅଭିହିତ ହେବା ପରେ ଜଗନ୍ନାଥ ଧାମର ଶ୍ରେଷ୍ଠତ୍ୱ ଓ ଲୋକପ୍ରିୟତା କ୍ରମଶଃ ବୃଦ୍ଧି ଘଟିଲା । ପରବର୍ତ୍ତୀ ସମୟରେ ଓଡିଶା ହିନ୍ଦୁଧର୍ମର ଏକ ପ୍ରକୃଷ୍ଟ କ୍ଷେତ୍ର ରୂପେ ସ୍ଥାନ ପାଇଲା । ସନ୍ଥ କବି ଭୀମଭୋଇଙ୍କ ଉଦାର ମନ୍ତ୍ରରେ ମଧ ଏ ଜାତି ଉଦ୍‌ବୁଦ୍ଧ ହୋଇଛି । ଧର୍ମୀୟ ସଂସ୍କୃତିକୁ ଆଧାର କରି ଓଡିଶାରେ ବାରମାସରେ ତେର ଯାତ୍ରା ତଥା ପର୍ବପର୍ବାଣୀ, ଓଷା, ବ୍ରତ ଆଦି ପାଳିତ ହୋଇଥାଏ । ପିଠାପଣାରେ ଆସରରେ ପୁରପଲ୍ଲୀ ଠାରୁ ସହର ବଜାର ପୁରି ଉଠେ ।

ଭାଷା ଦୃଷ୍ଟିରୁ ମଧ ବେଶ୍ ସମୃଦ୍ଧ ରାଜ୍ୟ ହେଉଛି ଓଡିଶା । ସ୍ୱତନ୍ତ୍ର ଭାବେ ଗଠନ ହେବାରେ ଓଡିଶା ହେଉଛି ପ୍ରଥମ ଭାଷା ଭିତ୍ତିକ ରାଜ୍ୟ । ଏଠାରେ ବ୍ୟବହାର କରାଯାଉଥିବା ବିଭିନ୍ନ ଭାଷା ମଧ୍ୟରୁ ଓଡିଆ ହେଉଛି ମୁଖ୍ୟ ଭାଷା । ଇଣ୍ଡୋ - ୟୁରୋପିଆନ୍ ଭାଷା ଗୋଷ୍ଠୀ ଅନ୍ତର୍ଗତ ଇଣ୍ଡୋ - ଆର୍ଯ୍ୟ ଶାଖା ସହିତ ଏହି ଭାଷା ଜଡିତ । ସଂସ୍କୃତକୁ ବାଦ୍ ଦେଲେ ଓଡିଆ ଭାଷାରେ ବିଶ୍ୱର ସର୍ବାଧିକ ହସ୍ତଲିଖିତ ପୋଥି ରହିଛି ବୋଲି ଏକ ସର୍ବେକ୍ଷଣରୁ ଜଣାପଡିଛି । ଏତଦ୍ ବ୍ୟତୀତ ବିଭିନ୍ନ ଆଞ୍ଚଳିକ ଭାଷା ସମେତ ଆଦିବାସୀ ସଂପ୍ରଦାୟ ଓ ଅନ୍ୟାନ୍ୟ ଜନଜାତି ସଂପ୍ରଦାୟମାନଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ବିଭିନ୍ନ ଭାଷା ମଧ ଏଠାରେ ଦେଖିବାକୁ ମିଳେ ।

ଓଡିଶାର ସାହିତ୍ୟ ମଧ ବେଶ୍ ସମୃଦ୍ଧ । ଶହ ଶହ ସାରସ୍ୱତ ସାଧକଙ୍କ ଅନନ୍ୟ ସାରସ୍ୱତ ସାଧନାରେ ରସାପ୍ଲୁତ ହୋଇଛି ଏହି ମହନୀୟ ଭୂମି । ଓଡିଆ ସାହିତ୍ୟର ସମୟକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି ଯଥା ପୁରାତନ ସାହିତ୍ୟ (୯୦୦-୧୩୦୦ ଖ୍ରୀଷ୍ଟାବ୍ଦ) ପ୍ରାକ୍ - ମଧ ଯୁଗୀୟ ସାହିତ୍ୟ (୧୩୦୦-୧୫୦୦ ଖ୍ରୀଷ୍ଟାବ୍ଦ), ମଧ୍ୟଯୁଗୀୟ ସାହିତ୍ୟ (୧୫୦୦-୧୭୦୦ ଖ୍ରୀଷ୍ଟାବ୍ଦ), ପରବର୍ତ୍ତୀ ମଧ୍ୟଯୁଗୀୟ ସାହିତ୍ୟ (୧୭୦୦-୧୮୫୦ ଖ୍ରୀଷ୍ଟାବ୍ଦ) ଏବଂ ଆଧୁନିକ ସାହିତ୍ୟ (୧୮୫୦ ଖ୍ରୀଷ୍ଟାବ୍ଦ ରୁ ବର୍ତ୍ତମାନ) । ଏହା ବାଦ୍ ଅନ୍ୟାନ୍ୟ ଦୃଷ୍ଟିକୋଣକୁ ନେଇ ମଧ ଓଡିଶା ସାହିତ୍ୟ ର ବିଭକ୍ତୀକରଣ କରାଯାଇଛି । ଓଡିଆ ସାହିତ୍ୟର ବର୍ଣ୍ଣାଢ୍ୟ ଅତୀତକୁ ସାରଳାଯୁଗ, ପଞ୍ଚସଖା ଯୁଗ, ଉପେନ୍ଦ୍ର ଭଞ୍ଜ ଯୁଗ, ରାଧାନାଥ ଯୁଗ, ସତ୍ୟବାଦୀ ଯୁଗ, ମାର୍କ୍ସିଜମ୍ ବା ପ୍ରଗତି ଯୁଗ, ରୋମାଣ୍ଟିସିଜମ୍ ବା ସବୁଜ ଯୁଗ ଏବଂ ସ୍ୱାଧୀନତା ପରବର୍ତ୍ତୀ ଯୁଗ ଭାବରେ ବିଭକ୍ତ କରାଯାଇଛି ।

ଓଡିଆ କାବ୍ୟ କବିତାର ଅୟମାରମ୍ଭ ହୋଇଥିଲା ଚର୍ଯ୍ୟା ସାହିତ୍ୟର ବିକାଶ ପର୍ବରୁ । ମହାଯାନ ବୌଦ୍ଧ ସନ୍ନ୍ୟାସୀ ତଥା କବିମାନଙ୍କର ଉଦ୍ୟମରୁ ଏହି ସାହିତ୍ୟ ର ସୃଷ୍ଟି । ବୌଦ୍ଧ ଧର୍ମୀୟ କାବ୍ୟ କବିତାରୁ ଓଡିଆ ସାହିତ୍ୟର ମୂଳଦୁଆ ପଡିଛି ବୋଲି ଅନେକ ଗବେଷକ ମତ ଦିଅନ୍ତି । ଓଡିଆ ସାରସ୍ୱତ ଜଗତର ପ୍ରଥମ ଶ୍ରେଷ୍ଠ କୃତି ଭାବେ ଶୁଦ୍ରମୁନି ସାରଳାଦାସଙ୍କ 'ଓଡିଆ ମହାଭାରତ' କୁ ଗ୍ରହଣ କରାଯାଏ । ଏହା ମହର୍ଷି ବ୍ୟାସଦେବଙ୍କ ଦ୍ୱାରା ରଚିତ ସଂସ୍କୃତ ମହାଭାରତର ଅବିକଳ ନକଲ ନୁହେଁ, ବରଂ ଏକ ସ୍ୱାଧୀନ ତଥା ସ୍ୱୀୟ ସୃଜନଶୀଳ କୃତି । ସାରଳା ଦାସଙ୍କ ଓଡିଆ ମହାଭାରତରେ ୧,୫୨,୦୦୦ ଶ୍ଲୋକ ଥିବା ବେଳେ ସଂସ୍କୃତ ମହାଭାରତରେ ୧ ଲକ୍ଷ ଶ୍ଲୋକ ରହିଛି । ଓଡିଆ ମହାଭାରତ ବ୍ୟତୀତ ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ ଆଦି ସାରଳାଦାସଙ୍କ ଅନବଦ୍ୟ ସୃଷ୍ଟି ।

ଷୋଡଶ ଶତାବ୍ଦୀ ଆଡକୁ ଏହି ପ୍ରଦେଶର ପାଞ୍ଚ ଜଣ ବିଶିଷ୍ଟ ସାରସ୍ୱତ ସାଧକଙ୍କ ଆବିର୍ଭାବ ଘଟିଲା । ପଞ୍ଚସଖା

Scanned by CamScanner

ନାମରେ ବିଦିତ ଏହି ବିଶିଷ୍ଟ ସାଧକଗଣ ଥିଲେ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ । ବୈଷ୍ଣବ ଧର୍ମାବଲମ୍ବୀ ଥିବା ଏହି ସାଧକଗଣଙ୍କ ସାରସ୍ୱତ ସାଧନାରେ ବେଶ୍ ସମୃଦ୍ଧ ହୋଇଥିଲା ଓଡିଆ ସାରସ୍ୱତ ଭଣ୍ଡାର ।

ପଞ୍ଚସଖା ଯୁଗର ସମାପ୍ତି ପରେ ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତ ସିଂହାର ଆଦି ସାରସ୍ୱତ ପ୍ରତିଭାଧରଙ୍କ ଆବିର୍ଭାବ ଘଟିଲା । ଆଳଙ୍କାରିକ ଭାଷାର ପ୍ରୟୋଗ ସାଙ୍ଗକୁ ରୂପଚର୍ଯ୍ୟା ତଥା ଶୃଙ୍ଗାରରସ ବର୍ଣ୍ଣନା ଏହି ଯୁଗରେ ବ୍ୟାପକ ରୂପ ଧାରଣ କରିଥିଲା । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଲାବଣ୍ୟବତୀ ଆଦି ସୃଷ୍ଟି ଓଡିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି । ଏତଦ୍ ବ୍ୟତୀତ ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ, ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ବିଦଗ୍ଧ ଚିନ୍ତାମଣି ଓଡିଆ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସାରସ୍ୱତ ସୃଷ୍ଟି । ପୂର୍ବରୁ ତାଳପତ୍ର ପୋଥିରେ ଖୋଦିତ ହୋଇ ଲେଖାଯାଉଥିବା ଓଡିଆ କାବ୍ୟ କବିତା ନୂତନ ରୂପ ଧାରଣ କଲା ୧୮୩୬ ମସିହାରେ, ଯେତେବେଳେ ଖ୍ରୀଷ୍ଟିୟାନ ମିଶିନାରୀମାନଙ୍କ ଦ୍ୱାରା ଏଠାରେ ଏକ ମୁଦ୍ରଣ ଯନ୍ତ୍ର ବସାଗଲା । ଏହା ପରେ ପ୍ରଥମ ଓଡିଆ ପତ୍ରିକା ଭାବେ ବୋଧଦାୟିନୀ ୧୮୬୧ ମସିହାରେ ବାଲେଶ୍ୱରରୁ ଆତ୍ମ ପ୍ରକାଶ କଲା । ୧୮୬୬ ମସିହାରେ କର୍ମବୀର ଗୌରୀଶଙ୍କର ରାୟଙ୍କ ତତ୍ତ୍ୱାବଧାନରେ ପ୍ରଥମ ଓଡିଶା ସମ୍ବାଦପତ୍ର ଉତ୍କଳ ଦୀପିକା ପ୍ରକାଶିତ ହେଲା । ଏତଦ୍ ବ୍ୟତୀତ କବିବର ରାଧାନାଥ ରାୟ, ବ୍ୟାସକବି ଫକୀର ମୋହନ ସେନାପତି, ଉତ୍କଳମଣି ଗୋପବନ୍ଧୁ ଦାସ, ଗୋଦାବରୀଶ ମହାପାତ୍ର, କୁନ୍ତଳା କୁମାରୀ ସାବତ୍, ଭଗବତୀ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ରାଉତରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ମାୟାଧର ମାନସିଂହ, ଗୋପୀନାଥ ମହାନ୍ତି ତଥା ବର୍ତ୍ତମାନ ସମୟର ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ବ୍ରଜନାଥ ରଥ, ସୌଭାଗ୍ୟ ମିଶ୍ର, ପ୍ରତିଭା ରାୟ, ଚନ୍ଦ୍ରଶେଖର ରଥ, ରବି ପଟ୍ଟନାୟକ ପ୍ରଭୃତି ବିଶିଷ୍ଟ କବି ଓ ଲେଖକଙ୍କ ଅବିରତ ସାଧନାରେ ପରିପୁଷ୍ଟ ଓଡିଆ ସାହିତ୍ୟ ଭଣ୍ଡାର । ଓଡିଆ ଜନଜୀବନ, ସ୍ୱାଧୀନତା ସଂଗ୍ରାମ, ସୁଖଦୁଃଖ, ପୂଜା ପାର୍ବଣ, ପ୍ରାକୃତିକ ଶୋଭାରାଜି ଆଦି ସବୁର ଫେଣ୍ଟାଫେଣ୍ଟି ବର୍ଣ୍ଣରେ ଚିତ୍ରିତ ହୋଇଛି ଓଡିଆ ସାହିତ୍ୟର କାନ୍ଭାସ ।

ସଙ୍ଗୀତ କ୍ଷେତ୍ରରେ ଉତ୍କର୍ଷତା ମଧ୍ୟ ଉତ୍କଳୀୟ ସଂସ୍କୃତିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଓଡିଶୀ ନୃତ୍ୟ ଓ ସଙ୍ଗୀତ ର ପ୍ରସିଦ୍ଧି ବିଶ୍ୱଦରବାରରେ ଓଡିଶାର ଅନନ୍ୟ ପରିଚୟ ବହନ କରେ । ଏତଦ୍ ବ୍ୟତୀତ ବିଭିନ୍ନ ଭକ୍ତିରସପୂର୍ଣ୍ଣ ଭଜନ, ଜଣାଣ ଏବଂ ଶାସ୍ତ୍ରୀୟ ସଙ୍ଗୀତ, ଜନଜାତି ସଙ୍ଗୀତ ଉତ୍କଳୀୟ ସଂସ୍କୃତିର ସମୃଦ୍ଧ ସ୍ମୃତିଚିହ୍ନ ବହନ କରେ । ଗୁରୁ ଦେବ ପ୍ରସାଦ ଦାସ, ପଙ୍କଜ ଚରଣ ଦାସ, କେଳୁଚରଣ ମହାପାତ୍ର ଆଦିଙ୍କ କଷ୍ଟଲବ୍ଧ ସାଧନା ଆଜି ଓଡିଶାକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିପାରିଛି । ଏତଦ୍ ବ୍ୟତୀତ ମୟୂରଭଞ୍ଜର ଆଦିବାସୀ ନୃତ୍ୟ ଛଉ ତଥା ପଶ୍ଚିମ ଓଡିଶାର ଲୋକ ସଂସ୍କୃତି ଉପରେ ଆଧାରିତ ଡାଲ୍ଖାଇ, ରସରକେଳି, କରମା, ମାଏଲାଜଡ ଆଦି ଲୋକନୃତ୍ୟ ଓଡିଶା ସଂସ୍କୃତିର ଅନ୍ୟତମ ଝଲକ । ଶ୍ରୀ ମନ୍ଦିର ସଂସ୍କୃତି ସହ ସଂଶ୍ଳିଷ୍ଟ ଥିବା ଦେବଦାସୀ ଓ ମାହାରୀ ନୃତ୍ୟ ଏବଂ ପ୍ରସିଦ୍ଧ ଗୋଟିପୁଅ ନୃତ୍ୟକଳା ଉତ୍କଳୀୟ ସଂସ୍କୃତିର ସବୁଜ ସ୍ୱାକ୍ଷର । ପାଲା ଓ ଦାସକାଠିଆ ମଧ୍ୟ ଏହାର ଭିନ୍ନ ଏକ ମୂକସାକ୍ଷୀ । ଓଡିଆ ପୁରାଣ ତଥା ଲୋକକଥାର ବିଭିନ୍ନ କଥାବସ୍ତୁକୁ ସୁଲଳିତ, ଶ୍ରୁତି ମଧୁର କାବ୍ୟିକ ଶୈଳୀରେ ଗ୍ରାମୀଣ ଲୋକଜୀବନରେ ପହଞ୍ଚାଇବାର ଶ୍ରେଷ୍ଠ ମାଧ୍ୟମ ଥିଲା ଏହି ପାଲା ଏବଂ ଦାସକାଠିଆ । ତତ୍କାଳୀନ ସମାଜରେ ସାମାଜିକ ସଂସ୍କାର ଆଣିବା ପୂର୍ବକ ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ଏହା ବିଶେଷ ଭାବେ ସହାୟକ ହୋଇଥିଲା । ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ମଧ୍ୟ ଓଡିଶାର ସମୃଦ୍ଧମୟ ସଂସ୍କୃତି ର ଏକ ଅଲିଭା ସ୍ୱାକ୍ଷର । ଓଡିଶାର

Scanned by CamScanner

ସାଧବପୁଅ ବାଣିଜ୍ୟ ପାଇଁ ସୁଦୂର ଇଣ୍ଡୋନେସିଆ, ଜାଭା ଓ ବାଲି ଦ୍ୱୀପକୁ ଯାଉଥିଲେ । ଏହି ଗୌରବମୟ ଘଟଣାକୁ ଏଯାବତ୍ ବୋଇତ ବନ୍ଦାଣ, ବାଲିଯାତ୍ରା ମାଧ୍ୟମରେ ସ୍ମୃତି ଚାରଣ କରାଯାଉଛି ।

ଓଡିଆ ସଂସ୍କୃତିର ଅସମାପ୍ତ ଭଣ୍ଡାରକୁ ଓଡିଆ ସିନେମାର ଅବଦାନ ମଧ୍ୟ ଅତୁଳନୀୟ । ପ୍ରଥମ ଓଡିଆ କଥାଧଳା ଚଳଚ୍ଚିତ୍ର ସୀତା ବିବାହ ରୁ ଆରମ୍ଭ ହୋଇଥିବା ଏହି ସୁଦୀର୍ଘ ଯାତ୍ରା ଏଯାବତ୍ ସଫଳତାର ପଥେ ଆଗେଇ ଚାଲିଛି । ଓଡିଶାର ଘରେ ଘରେ ତଥା ଦେବାଳୟ ମାନଙ୍କରେ ପ୍ରତ୍ୟହ ପ୍ରସ୍ତୁତ ହେଉଥିବା ସୁସ୍ୱାଦୁ ଅନ୍ନ ଓ ବ୍ୟଞ୍ଜନ ଓଡିଶାର ସଂସ୍କୃତିର ଅନ୍ୟତମ ଦିଗ । ରସଗୋଲା, ଛେନାପୋଡ ଆଦି ମିଷ୍ଟାନ୍ନ ପାଇଁ ଓଡିଶା ବେଶ୍ ପ୍ରସିଦ୍ଧ । ଓଡିଆଙ୍କ ଦେବତା ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ରୋଷଶାଳାରେ ପ୍ରତ୍ୟେକ ଦିନ ପ୍ରାୟ ଦଶ ହଜାର ଲୋକଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ କରାଯାଏ । ଉତ୍କଳୀୟ ବସ୍ତ୍ର ପରିପାଟୀ ମଧ୍ୟ ବେଶ ସୁରମ୍ୟ ଓ ଶାଳୀନ । ପୁରୁଷମାନେ ସାଧାରଣତଃ ଧୋତି, କୁର୍ତ୍ତା, ଗାମୁଛା ବ୍ୟବହାର କରୁଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଶାଢୀ ବହୁତ ଲୋକପ୍ରିୟ । ଶାଢୀର ବହୁଳ ଚାହିଦା ଯୋଗୁଁ ଓଡିଶାର ବିଭିନ୍ନ ସ୍ଥାନରେ ଭିନ୍ନ ରକମର ଶାଢୀ ପ୍ରସ୍ତୁତ କରାଯାଏ । ସମ୍ବଲପୁରୀ ଶାଢୀ, ପାଟ, ମଠା, ପଣାପଲ୍ଲୀ, ଟସର ନିର୍ମିତ ଶାଢୀ ବିଦେଶରେ ଓଡିଶାର ସ୍ୱତନ୍ତ୍ର ପରିଚୟ ବହନ କରେ ।

ଖାଦ୍ୟଠାରୁ ଆରମ୍ଭ କରି ପୋଷାକ ପରିପାଟୀ, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ପରମ୍ପରା - ସବୁ କ୍ଷେତ୍ରରେ ଉତ୍କର୍ଷତା ହିଁ ଓଡିଆ ସଂସ୍କୃତିକୁ କରିଛି ବିଭବଶାଳୀ ।

ଓଡିଶାର ସଂସ୍କୃତି ଯେତିକି ସମୃଦ୍ଧ, ଏହାର ଇତିହାସ ସେତିକି ବୁଦ୍ଧିମନ୍ତ । ଓଡିଶାର ଇତିହାସର ସିଂହାବଲୋକନ କଲେ ଜଣାଯାଏ ଯେ, ବର୍ତ୍ତମାନ ଓଡିଶା ନାମରେ ଜଣାଶୁଣା ଥିବା ଏହି ପ୍ରଦେଶ ଅତୀତରେ ଭିନ୍ନ ଭିନ୍ନ ନାମରେ ପରିଚିତ ଥିଲା । କଳିଙ୍ଗ, ଉତ୍କଳ, ମହାକାନ୍ତାର, ଉଡ୍ର, ତ୍ରିକଳିଙ୍ଗ, ତୋଷାଳୀ ନାମରେ ଏହା ଅତୀତରେ ପ୍ରସିଦ୍ଧିଲାଭ କରିଥିଲା । ମହାନଗ୍ରନ୍ଥ ମହାଭାରତ ଏବଂ ବିଭିନ୍ନ ବୌଦ୍ଧଗ୍ରନ୍ଥ ଗୁଡିକରେ ପ୍ରାଚୀନ ଓଡିଶାର ବର୍ଣ୍ଣନା ରହିଛି । ଖ୍ରୀ.ପୂ. ୨୬୧ ରେ କଳିଙ୍ଗ ମାଟିରେ ସଂଘଟିତ ହୋଇଥିବା କଳିଙ୍ଗ ଯୁଦ୍ଧ ଓଡିଶା ଇତିହାସ ର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏଥିରେ ପ୍ରାୟ ୧୦ ଲକ୍ଷ ଲୋକ ମୃତ୍ୟୁବରଣ କରିବା ସହ ୧୫ ଲକ୍ଷ ଲୋକ ବନ୍ଦୀ ହୋଇଥିଲେ । ତେବେ ଏହି ରକ୍ତରଞ୍ଜିତ ବିଜୟର ଉଲ୍ଲାସ ସମ୍ରାଟ ଅଶୋକଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ଏହା ତାଙ୍କୁ ଅନୁତାପ ଓ ଅନୁଶୋଚନାର ଅବକାଶ ଯୋଗାଇଥିଲା । ଫଳତଃ ସେ ରାଜଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କରି ନେଇଥିଲେ । ଭୁବନେଶ୍ୱର ଉପକଣ୍ଠସ୍ଥ ଧଉଳି ସ୍ଥିତ ଶାନ୍ତିସ୍ତୁପ ଏବଂ ଦୟାନଦୀ ଏହି ଗୌରବୋଜ୍ଜ୍ୱଳ ମୁହୂର୍ତ୍ତର ମୂକସାକ୍ଷୀ ।

ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀରେ ମହାମେଘବାହନ ସମ୍ରାଟ ଖାରବେଳ କଳିଙ୍ଗରେ ମହାମେଘବାହନ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ନିଜ ଶାସନ କାଳ ମଧ୍ୟରେ ବହୁ ଲୋକହିତକର କାର୍ଯ୍ୟ କରି ଜଣେ ପ୍ରଜାବତ୍ସଳ ଓ ଲୋକ ହିତକାରୀ ଦିଗ୍‌ବିଜୟୀ ସମ୍ରାଟ ଭାବରେ ସେ ପ୍ରଶଂସିତ ହୋଇଥିଲେ । ଏହା ପରେ ପରେ ଓଡିଶାରେ ସାତବାହନ, ଗୁପ୍ତ, ମରାଠା ଆଦି ବଂଶର ସାମ୍ରାଜ୍ୟ ସ୍ଥାପିତ ହୋଇଥିଲା । ଖ୍ରୀଷ୍ଟାବ୍ଦ ୬୩୯ ରେ ଚୀନ ପରିବ୍ରାଜକ ହୁଏନସାଂ ଓଡିଶା ଆସିଥିଲେ ।

ଗଙ୍ଗ ବଂଶର ରାଜତ୍ୱ ସମୟରେ ଓଡିଶାରେ ଅହେତୁକ ଉନ୍ନତି ସାଧିତ ହୋଇଥିଲା । ଚୋଡଗଙ୍ଗ ଦେବଙ୍କ ସମୟରେ ୧୧୩୫ ମସିହାରେ ଓଡିଶାର ରାଜଧାନୀ କଟକକୁ ସ୍ଥାନାନ୍ତରିତ ହୋଇଥିଲା । ବିଶ୍ୱ ପ୍ରସିଦ୍ଧ ପୁରୀ ଜଗନ୍ନାଥ ମନ୍ଦିରର ନିର୍ମାଣ

Scanned by CamScanner

ଚୋଡଗଙ୍ଗଙ୍କ ସମୟରେ ଆରମ୍ଭ ହୋଇ ଅନଙ୍ଗଭୀମଦେବଙ୍କ ସମୟରେ ଶେଷ ହୋଇଥିଲା । ଖ୍ରୀଷ୍ଟାବ୍ଦ ୧୪୩୪ ରେ କପିଳେନ୍ଦ୍ର ଦେବ ଓଡିଶାର ସିଂହାସନ ଆରୋହଣ କରିଥିଲେ । ସାରଳାଦାସଙ୍କ ମହାଭାରତ ଏହି ସମୟରେ ଲେଖା ହୋଇଥିଲା । ପରେ ମୁକୁନ୍ଦଦେବଙ୍କ ଶାସନ କାଳରେ କଳାପାହାଡ ଓଡିଶା ଆକ୍ରମଣ କରିଥିଲା । ମୁକୁନ୍ଦ ଦେବଙ୍କ ଅନ୍ତେ ଓଡିଶା ପଶ୍ଚିମବଙ୍ଗ ର ମୁସଲିମ୍ ଶାସକ ସୁଲେମାନଙ୍କ ଅଧୀନକୁ ଚାଲିଗଲା । ପରବର୍ତ୍ତୀ ସମୟରେ ମୋଗଲ ଶାସକଙ୍କ ଅଧିନରେ ଶାସିତ ହେଲା ଓଡିଶା । ଏହି ସମୟରେ ଓଡିଶାରେ ସୁବେଦାର ପ୍ରଥାର ପ୍ରଚଳନ ହେଲା । ୧୮୦୩ ମସିହାରେ ବ୍ରିଟିଶ ମାନେ ଓଡିଶାରେ ଉପନିବେଶବାଦ ପ୍ରତିଷ୍ଠା କଲେ । ବ୍ୟବସାୟ, ବାଣିଜ୍ୟ ଆଳରେ ବ୍ରିଟିଶ୍ ଅଧିକାରୀମାନେ ପ୍ରାଦେଶିକ ରାଜାମାନଙ୍କ ସହ ସନ୍ଧି ସ୍ଥାପନ କରି ଓଡିଶାକୁ ହାତେଇବାରେ ସକ୍ଷମ ହେଲେ । ଓଡିଶାବାସୀଙ୍କ ଉପରେ ଇଂରେଜ ସରକାରଙ୍କ କ୍ରମବର୍ଦ୍ଧିଷ୍ଣୁ ଅତ୍ୟାଚାରକୁ ବିରୋଧ କରି ୧୮୧୭ ମସିହାରେ ଓଡିଶା ତଥା ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ପାଇକ ବିଦ୍ରୋହ ର ସୂତ୍ରପାତ ହୋଇଥିଲା । ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା ଆଦିଙ୍କ ନେତୃତ୍ୱରେ ସଙ୍ଗଠିତ ହୋଇଥିବା ଏହି ଗଣ ବିଦ୍ରୋହ ଇଂରେଜଙ୍କୁ ଭୟଭୀତ କରି ପକାଇଥିଲା । ଏତଦ୍ ବ୍ୟତୀତ ଓଡିଶାର ବିଭିନ୍ନ ସ୍ଥାନରେ ଇଂରେଜ ସରକାର ବିରୋଧରେ ହୋଇଥିବା ଗଣ ବିଦ୍ରୋହ ର ନେତୃତ୍ୱ ନେଇଥିଲେ ବୀର ସୁରେନ୍ଦ୍ର ସାଏ, ରେଣ୍ଡୋ ମାଝି, ଲକ୍ଷ୍ମଣ ନାୟକ, ବିର୍ସାମୁଣ୍ଡା ପ୍ରଭୃତି ସଂଗ୍ରାମୀ । ୧୮୬୬ ମସିହାରେ ଓଡିଶା ନ' ଅଙ୍କ ଦୁର୍ଭିକ୍ଷରେ କବଳିତ ହୋଇଥିଲା । ପରବର୍ତ୍ତୀ ସମୟରେ ଓଡିଶାରେ ଜନ୍ମ ନେଇଥିଲା ଏକ ମହାନ୍ ଜନନାୟକ ଗୋଷ୍ଠୀ । ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଆଦି ଓଡିଆ ଜନଜୀବନରେ ଉନ୍ମାଦନା ଭରିଥିଲେ । ଦୀର୍ଘ ବର୍ଷର ସଂଘର୍ଷ ପରେ ୧୯୩୬ ଏପ୍ରିଲ ୧ ତାରିଖ ଦିନ ଓଡିଶା ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ମାନ୍ୟତା ପ୍ରାପ୍ତ ହେଲା । ୧୯୪୩ ରେ ଉତ୍କଳ ବିଶ୍ୱ ବିଦ୍ୟାଳୟ, ୧୯୪୬ ରେ ହୀରାକୁଦ ନଦୀବନ୍ଧର ଶିଳାନ୍ୟାସ, ଜାତୀୟ ଧାନ ଗବେଷଣା କେନ୍ଦ୍ର ର ସ୍ଥାପନା, ୧୯୪୭ ରେ ବିଜୁ ପଟ୍ଟନାୟକ ଙ୍କ ଦ୍ୱାରା ଇଣ୍ଡୋନେସୀୟ ପ୍ରଧାନମନ୍ତ୍ରୀ ଓ ଉପରାଷ୍ଟ୍ରପତିଙ୍କୁ ଉଦ୍ଧାର, ୧୯୪୮ ରେ ଭୁବନେଶ୍ୱର ଓଡିଶାର ନୂତନ ରାଜଧାନୀ ଭାବେ ସ୍ଥାନ ପାଇବା, ୧୯୬୧ ରେ ଓଡିଶା ବିଧାନ ସଭା ଗୃହ ଉଦ୍ଘାଟିତ ହେବା ଆଦି ଘଟଣା ଓଡିଶା ଇତିହାସ ର ଦସ୍ତାବିଜ୍‌ରେ ଏକ ଏକ ସଫଳତାର ଫର୍ଦ୍ଦ । ୧୯୪୭ ମେ ୨୭ ରେ ହରେକୃଷ୍ଣ ମହତାବ ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଥିଲେ । ୧୯୫୩ ମସିହାରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ, ୧୯୫୭ ରେ ଓଡିଶା ସାହିତ୍ୟ ଏକାଡେମୀ ସ୍ଥାପନ ଓ ୧୯୬୨ ରେ ପାରାଦୀପ ବନ୍ଦରର ଶିଳାନ୍ୟାସ ହୋଇଥିଲା । ୧୯୮୧ ରେ ଫ୍ରାନ୍ସର ପେଚିନି କମ୍ପାନୀ ସହାୟତାରେ ଓଡିଶାରେ ନାଲକୋ ପ୍ରତିଷ୍ଠା ହୋଇଥିଲା । ୧୯୯୯ ମସିହାରେ ପ୍ରଳୟଙ୍କରୀ ମହାବାତ୍ୟାରେ ଓଡିଶା କବଳିତ ହୋଇଥିଲା । ବିଗତ ବର୍ଷମାନଙ୍କରେ ଓଡିଶା ଅନେ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଦେଖିଛି । ୨୦୧୪ ମସିହାରେ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଏବଂ ୨୦୧୬ ରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୫୦ ତମ ବର୍ଷ ପୂର୍ତ୍ତି ଘଟଣା ଏକ ଜାତି ପାଇଁ ଥିଲା ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ।

ଗୌରବମୟ ଇତିହାସ ଓ ସମୁଜ୍ଜ୍ୱଳ ସଂସ୍କୃତିର ଭୂମି ଏହି ଉତ୍କଳ ର ଗରିମାମୟ କାହାଣୀ ସଭିଙ୍କୁ ସର୍ବଦା ପ୍ରଲୁବ୍ଧ ଓ ପ୍ରଭାବିତ କରେ ।

"ବନ୍ଦେ ଉତ୍କଳ ଜନନୀ"

Scanned by CamScanner